## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା ; ୨ ଗିରଫ, ୨ବନ୍ଧୁକ ଜବତ

ବାଳିଗୁଡା,୪।୫(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବେଲଘର ଥାନା ଅଧୀନ ସାପେରି ଗ୍ରାମରେ କାମଦେବ ମାଝୀଙ୍କୁ ଶିକାର କରିବାକୁ କହି ଘରୁ ଡାକି ଗୁଳିକରି ହତ୍ୟା କରାଯାଇଥିବା ଘଟଣା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲିପଟୁ ମାଝୀ ଓ ମଧୁସୂଦନ ମାଝୀ। ଉଭୟଙ୍କ ପାଖରୁ ୨ ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଏନେଇ ବାଳିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋଶଲେ ଓ ବେଲଘର ଥାନାଧିକାରୀ ସୌମ୍ୟରଞ୍ଜନ ପତି ସୂଚନା ଦେଇଛନ୍ତି, ବେଲଘର ଥାନା ଅଧୀନ ସାପେରି ଗ୍ରାମରେ କାମଦେବଙ୍କୁ ଶିକାର କରିବାକୁ କହି ଘରୁ ଡାକି ନେଇ ଗୁଳିକରି ହତ୍ୟା କରାଯାଇଥିବା ସ୍ତ୍ରୀ ତୁମୁକି ମାଝି ବେଲଘର ଥାନାରେ ଅଭିଯୋଗ କରିଥିଲେ। ନଂ. ୩୯/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ରବିବାର ଲିପଟୁ ଓ ମଧୁସୂଦନଙ୍କୁ ଗିରଫ କରି ୨ଟି ଦେଶୀ ବନ୍ଧୁକ ଜବତ କରିଛି।

### ଲକ୍ଷ୍ମୀପୁରବାସୀଙ୍କ ଆନ୍ଦୋଳନ ଚେତାବନୀ

ଛତ୍ରପୁର,୪।୫(ଦିଲୀପ ସାମଲ):

ଧରାକୋଟ ତହସିଲ ଅନ୍ତର୍ଗତ ଲକ୍ଷ୍ମୀପୁର ମୌଜା ବାଲିଘାଟରୁ ରାତିରେ ହାଇୱା ଦ୍ୱାରା ବେଧଡକ ବାଲି ଚାଲାଣ ହେଉଥିବାରୁ ଲକ୍ଷ୍ମୀପୁର ଗ୍ରାମର ଦଳିତ ସାହି ଏବଂ ନୂଆସାହି ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାହି ମଝି ରାସ୍ତାରେ ବାଲି ବୋଝେଇ ବିଭିନ୍ନ ଗାଡି ନ ନେବା ଏବଂ ବାଲିଘାଟ ଟେଣ୍ଡର ବାତିଲ କରିବା ଦାବି ନେଇ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଛତ୍ରପୁର ଆସି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଦାବିଗୁଡିକ ଯଥାଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍ହାଇବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

ଖଜୁରିପଡ଼ା,୪।୫ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଭାଲିଆପଡ଼ା ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭାଲିଆପଡ଼ାର ରାଜମହଲ ଦିଗାଲ। ଭାଲିଆପଡ଼ର ଈଶ୍ୱର କହଁରଙ୍କର ଛେଳି ଚୋରି ହୋଇଥିବା ନେଇ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ. ୮୦/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ରାଜ ମହଲଙ୍କୁ ସୋମବାର ଗିରଫ କରିଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

### ଆଇଓବି ପକ୍ଷରୁ ମନ୍ଦିରକୁ ହୁଣ୍ଡି ଦାନ

ଧରାକୋଟ,୪।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଜାହାଡା ଗ୍ରାମରେ ମା କାଳୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥର ସଦ୍‌ପୋଯୋଗ ଲାଗି ସ୍ଥାନୀୟ ଜାହାଡା ଆଇଓବି ଶାଖା ପକ୍ଷରୁ ବ୍ରହ୍ମପୁର ଆଞ୍ଚଳିକ ପରିଚାଳକ ଖୁର୍ଶିଦ ରୱାନି ,ଶାଖା ପରିଚାଳକ ରାଜ ପ୍ରତୀକ ଦାସ ଏକ ଇ-ହୁଣ୍ଡି ମା କାଳୀଙ୍କ ମନ୍ଦିରକୁ ପ୍ରଦାନ କରିଛନ୍ତି। ଜାହାଡା ଗ୍ରାମର ସ୍ୱପ୍ନେଶ୍ୱର ମନ୍ଦିର ପରିଚାଳନା କମିଟି ଏହି ହୁଣ୍ଡିକୁ ଆଞ୍ଚଳିକ ପରିଚାଳକଙ୍କଠାରୁ ଗ୍ରହଣ କରଛି। ଏହା ଫଳରେ ଅନ ଲାଇନ ରେ ମା ଙ୍କ ମନ୍ଦିର ପାଇଁ ଦାନ ରାଶି ଗ୍ରହଣ କରିହେବ। ଗଞ୍ଜାମ ଜିଲାରେ ପ୍ରଥମ ଥର ପାଇଁ ଆଇଓବି ଏହି ପଦକ୍ଷେପ ନେଇଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୬ ଆହତ

ରାମଗିରି,୪।୫(ବୃନ୍ଦାବନ ଗୌଡ଼)



ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ କୃଷି ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ୬ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜୁନେଶ ଶବର। ଗୁରୁତରଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ କନ୍ୟା ରହିଥିବା ଜଣାପଡିଛି। ଏକ ବିବାହ ଭୋଜି ଖାଇ ଫେରୁଥିବା ବେଳେ ଏପରି ଘଟଣା ଘଟିଛି। ଘଟଣା ସ୍ଥଳରେ ରାମଗିରି ପୋଲିସ୍ ପହଞ୍ଚି ଆହତଙ୍କୁ ମେଡ଼ିକାଲରେ ପହଞ୍ଚାଇବା ସହ ଦୁଇଟି ବାଇକ୍ ଜବତ କରିଛି। ଏଏସ୍‌ଆଇ ସନ୍ତୋଷ ବେହେରା ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଖବରରୁ ପ୍ରକାଶ, ଦଶିରାମପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାହାଘର ଭୋଜି ସୋମବାର ଦିନବେଳା ଆୟୋଜନ ହୋଇଥିଲା। ପାତ୍ରବସା ଗ୍ରାମରେ ଗୋଟିଏ ପରିବାରର ଶିଶୁକନ୍ୟା ସହିତ ୩ ଜଣ ଏଚ୍‌ଏଫ୍ ଡିଲେକ୍ସ (ନଂ. ଓଡି ୨୦ ବି-୫୩୩୩) ବାଇକ୍ ଯୋଗେ ଦଶିରାମପୁର ଗ୍ରାମକୁ ଭୋଜି ଖାଇବାକୁ ଯାଇ ଫେରୁଥିବା ବେଳେ ବିପରୀତ ଦିଗରୁ ଖାରିପଦା ଗ୍ରାମର ୩ ଜଣ ଯୁବକ ଏଚ୍‌ଏଫ୍ ଡିଲେକ୍ସ (ନଂ. ଓଡି ୦୭ ଏଚ୍-୦୫୯୫) ବାଇକ୍‌ରେ ଦାଶିରାମପୁରକୁ ଭୋଜି ଖାଇବାକୁ ଯାଉଥିଲେ। ରାମଗିରି କୃଷି ଉଦ୍ୟାନ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ଆର. ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତର ପାତ୍ରବସା ଗ୍ରାମର ଜୁନେସଙ୍କ ମୃତ୍ୟୁ ହୋଇଥିଲା। ପାତ୍ରବସା ଗ୍ରାମର ସୂର୍ଯ୍ୟବତୀ ଶବର (୧୮), ରୁକ୍ମଣୀ ଶବର (୫), ସରସ୍ୱତୀ ଶବର (୧୬) ଓ ଅବାରସିଂ ପଞ୍ଚାୟତ ଖାରିପଦା ଗ୍ରାମର ଶତ୍ରୁଘନ ରଇତ, ଗଣନାଥ ରଇତ, ଶିବରାମ ରଇତ ଗୁରୁତର ହୋଇଥିଲେ। ଗଣନାଥ ଓ ଶିବରାମଙ୍କୁ ଡାକ୍ତର ସୁବ୍ରତ ସାହୁ ଓ ଶ୍ରୀଧର ସାହୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦେଇଛନ୍ତି। ଅନ୍ୟ ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଶତ୍ରୁଘନଙ୍କ ୫ ବର୍ଷର ଶିଶୁକନ୍ୟା ରୁକ୍ମିଣୀ, ସୂର୍ଯ୍ୟବତୀ ଓ ସରସ୍ୱତୀ ବ୍ରହ୍ମପୁର ଯାଇଛନ୍ତି। ଏ ନେଇ ରାମଗିରି ଥାନାରେ ୩୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଡି. ଗଜପତିଦୋରା କହିଛନ୍ତି।

## ଭୁଶୁଡିଲା ଜିଲା ପରିଷଦ ସମ୍ବଳ ସାଧନ କେନ୍ଦ୍ର ସୁରକ୍ଷା ପାଚେରି

ପାରଳାଖେମୁଣ୍ଡି,୪।୫(ଗିରିଧାରୀ ପରିଚ୍ଛା)



ଭୁଶୁଡି ପଡିଥିବା ଜିଲା ପରିଷଦ ସମ୍ବଳ ସାଧନକେନ୍ଦ୍ରର ସୁରକ୍ଷା ପାଚେରି।

କାଳବୈଶାଖୀ ପବନ ବର୍ଷାରେ ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ବଳ ସାଧନକେନ୍ଦ୍ରର ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। କାର୍ଯ୍ୟାଳୟ ପରିସରରେ ଥିବା ଏକ ବନ୍ଧର ଉପର ମୁଣ୍ଡରେ ଏକ ନାଳ ପାଚେରିକୁ ଲାଗି ଖୋଳି ଛାଡି ଦେଇଥିବାରୁ ପାଚେରିଟି ଦୁର୍ବଳ ହୋଇପଡି ଭୁଶୁଡି ପଡିଥିବା ଅନୁମାନ କରାଯାଉଛି। କେନ୍ଦ୍ର ପାଖରେ ଥିବା ପୋଖରୀଟି ଜିଲା କାର୍ଯ୍ୟାଳୟ ପରିସରରେ ଥିଲେ ସୁଦ୍ଧା ଏହା ସଫା କରାଯାଉନାହିଁ। ଉପର ଅଞ୍ଚଳରୁ ପୋଖରୀରେ ମଇଳା, ଆବର୍ଜନା ପାଣି ପଶି ଏହା ପୂତିଗନ୍ଧମୟ ହୋଇପଡିଛି। ଫଳରେ ଏହା ଏକ ଅଳିଆ ଆବର୍ଜନା କୁଣ୍ଡ ପାଲଟିଛି। ଏଥିସହ ଏହି ନାଳ ମଧ୍ୟରେ ଏକ ବିଦ୍ୟୁତ ଖୁଣ୍ଟ ରହିଛି। ବିନା ଯୋଜନାରେ ନାଳ ନିର୍ମାଣ କରାଯିବା ଏବଂ ବିଦ୍ୟୁତ୍ ଖୁଣ୍ଟ ଥାଇ ନିର୍ମାଣ କାମ କିପରି ହେଲା ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ବିଭିନ୍ନ ସମସ୍ୟା ଘେରରେ ବନ୍ଧସାହିବାସୀ

ଖଜୁରିପଡ଼ା,୪।୫ (ବିଦୁର ବେହେରା):

ଖଜୁରିପଡ଼ା ବ୍ଲକ୍ ଦୁତୀମେଣ୍ଡି ପଞ୍ଚାୟତର ୯ ନମ୍ବର ୱାର୍ଡ ଅନ୍ତର୍ଗତ ବନ୍ଧସାହିରେ ବିଭିନ୍ନ ସମସ୍ୟା ଲାଗିରହିଛି। ଦୀର୍ଘ ଦିନ ହେବ ଗ୍ରାମରେ ଷ୍ଟ୍ରିଟ୍‌ଲାଇଟ ଅଚଳ ହୋଇ ପଡ଼ିଥିବାରୁ ସାହିବାସୀ ଅନ୍ଧାରରେ ରହିଥିବା ସମୀର ପ୍ରସାଦ ଝଙ୍କାର ଅଭିଯୋଗ କରିଛନ୍ତି। ବନ୍ଧସାହିରେ ପ୍ରାୟ ୨୫ ପରିବାର ବସବାସ କରନ୍ତି। ଅନ୍ୟପଟେ ଗ୍ରାମର ମୁଖ୍ୟ ନଳକୂପଟି ଦୀର୍ଘ ଦିନରୁ ମରାମତି ଅଭାବରୁ ଅଚଳ ହୋଇ ପଡ଼ିଥିବାରୁ ପାନୀୟ ଜଳ ପାଇଁ ଲୋକେ ବହୁ ଦୂରକୁ ଯିବାକୁ ବାଧ୍ୟ ହେଉଛନ୍ତି। ପାନୀୟ ଜଳ ଯୋଗାଇବା ପାଇଁ ସରକାର



ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ନଳକୂପଟିର ମରାମତି ହେଉ ନାହିଁ। ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଲୋକମାନେ ଅନେକ ଅସୁବିଧାରେ ରହୁଛନ୍ତି। ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଅମର ବେହେରା କହିଛନ୍ତି, କାଲି କର୍ମଚାରୀ ପଠେଇ ନଳ କୂପ ମରାମତି କରି ପାଣି ସମସ୍ୟାର ସମାଧାନ କରାଯିବ। ଷ୍ଟ୍ରିଷ୍ଟଲାଇଟ ସମସ୍ୟା ଉପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ରଣା କହିଛନ୍ତି, ଷ୍ଟ୍ରିଟଲାଇଟ ମରାମତି ପାଇଁ ପଦକ୍ଷେପ ନିଆଯିବ।

## ମହାଦେବଙ୍କ ଶୈବ ପ୍ରାସାଦ, ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାତ୍ରପୁର,୪।୫(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ଗୁଣ୍ଠୁରା ଗ୍ରାମରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ଶୈବ ପ୍ରାସାଦ ଓ ସତ୍ୟସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ୫ ହେବାକୁ ଥିବା ବେଳେ ପ୍ରଥମ ଦିନରେ ଗ୍ରାମର ମହିଳାଙ୍କ ଦ୍ୱାରା ପଦ୍ମତୋଳା ନଦୀରୁ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ନୂତନ ମନ୍ଦିରରେ ପହଞ୍ଚିଥିଲେ। ପରେ ମଣ୍ଡଳ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗ୍ରାମର ଜଗବନ୍ଧୁ ମହାପାତ୍ର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାପାତ୍ର ଥିବାବେଳେ ମୁଖ୍ୟ ପୁରୋହିତ ଅଶୋକ କୁମାର ପାଢ଼ୀଙ୍କ



କଳସ ଧରି ମହିଳାମାନେ ଗାଁ ପରିକ୍ରମା କରୁଛନ୍ତି।

ସହ ୨୫ ଜଣ ପୁରୋହିତ ପରିଚାଳନା କରୁଛନ୍ତି । ୨ଟି ମନ୍ଦିରର ପ୍ରତିଷ୍ଠା ପାଇଁ ଗ୍ରାମର ଏକ କମିଟି ତଦାରଖ କରୁଥିବା ବେଳେ ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରୁଛନ୍ତି। ପ୍ରତିଦିନ ନାମଯଜ୍ଞ, ଅର୍ଣ୍ଣଯଜ୍ଞ ଓ ଘୃତଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ଏହି ଉତ୍ସବ ଆସନ୍ତା ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହେବାକୁ ନିଷ୍ପତି ହୋଇଛି।

## ଆରମ୍ଭ ହେଲା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଚନ୍ଦନ ଯାତ୍ରା

ରମ୍ଭା,୪।୫(ବନବାସୀ ସେଠୀ)

ରମ୍ଭାରେ ସୋମବାର ଆରମ୍ଭ ହୋଇଛି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଚନ୍ଦନ ଯାତ୍ରା। ସୁସଜ୍ଜିତ ବିମାନରେ ରାତି ୮ଟାରେ ଚନ୍ଦନ ପୋଖରୀକୁ ମଦନ ମୋହନ ଯାଇଥିଲେ। ସେଠାରେ ଆବଶ୍ୟକ ନୀତିକାନ୍ତି ସମ୍ପନ୍ନ ପରେ ଠାକୁର ରାତି ୧୨ଟାରେ ପ୍ରାୟ ୧ ଘଣ୍ଟା ଧରି ଚାପ ଖେଳି ବିଳମ୍ବିତ ରାତି ଗୋଟାଏରେ ମନ୍ଦିରକୁ ଫେରିଛନ୍ତି। ଏହି ଯାତ୍ରା ଦେଖିବା ଲାଗି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏନେଇ ପୂର୍ବରୁ ଶାନ୍ତି କମିଟି ବୈଠକ ବସି ସବିଶେଷ ଆଲୋଚନା ହୋଇଥିଲା। ବୈଠକରେ ମଦନ ମୋହନଙ୍କ ଚାପ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଯାତ୍ରାପାଇଁ ପଡିବାକୁ ଥିବା ବିପଣନ ପସରା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହି ଅନୁସାରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଆଗକୁ ରମ୍ଭା ସମେତ ଆଖପାଖ ଅଞ୍ଚଳରୁ ଯାତ୍ରାରେ ବହୁ ସଂଖ୍ୟାରେ ଜନ ସମାଗମ ହେବ। ରମ୍ଭାର ଏହି ପ୍ରସିଦ୍ଧ ଯାତ୍ରା ଦେଖିବା ଲାଗି ବାହାରେ ରହୁଥିବା ରମ୍ଭା ଅଧିବାସୀ ଘରକୁ ଫେରିଛନ୍ତି। ପ୍ରତି ଘରେ କୁଣିଆ, ବନ୍ଧୁବାନ୍ଧବଙ୍କ ସମାଗମରେ ରମ୍ଭା ଉତ୍ସବମୁଖର ହୋଇଉଠିଛି।

## ଭାଜପା ପାଳିଲା ବିଜୟ ଉତ୍ସବ

ଭଞ୍ଜନଗର,୪।୫(ବାବୁଲା ପ୍ରଧାନ):

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ବିଧାନସଭା ନିର୍ବାଚନ ଫଳାଫଳ ଆସିଯାଇଛି। ଭାଜପା ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ କ୍ଷମତା ଦଖଲ କରିବାକୁ ଯାଉଛି। ଆସାମ ଓ ପୁଡୁଚେରୀରେ ମଧ୍ୟ ଭାଜପା ସରକାର ଗଢ଼ିବାକୁ ଯାଉଛି। ଏହି ଖୁସିରେ ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ଥାନା ଛକରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଜୟ ଶ୍ରୀରାମ ନାରା ଓ ଆତସବାଜିରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ଦଳୀୟ ନେତା ବିଷ୍ଣୁ ପ୍ରସାଦ ପ୍ରଧାନ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଲକ୍ଷ୍ମୀ ପଣ୍ଡା, ସମୀର ନାୟକ, ସୁବାଷ ବରାଡ, ବୁବୁନି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଛତ୍ରପୁର,୪।୫(ଦିଲୀପ ସାମଲ):

ଗଞ୍ଜାମ ଜିଲା ପରିଷଦ ଜଉଗଡ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ହୋଇଥିବା ଏହି ଶିବିରରେ ଜିଲାପାଳ ଭି. କୀର୍ତ୍ତି ଭାସନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ ଉପସ୍ଥିତ ରହି ମିଳିତ ଭାବେ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ମୋଟ ୮୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭ଟି ସାମୁହିକ ଓ ୮୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ମୁଖ୍ୟତଃ ମଧୁବାବୁ ପେନସନ, ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ ଚିକିତ୍ସା ଆଦିର ଦରଖାସ୍ତ ହସ୍ତଗତ ହୋଇଥିଲା । ରେଡକ୍ରସ ପାଣ୍ଠିରୁ ୧୨ ଜଣଙ୍କୁ ସହାୟତା ରାଶି ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଦୀପକ କୁମାର ଜେନା ଓ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

## ୨ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



୨ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଞ୍ଜନଗର,୪।୫(ବାବୁଲା ପ୍ରଧାନ):

ଭଞ୍ଜନଗର ସତ୍ୟସାଇ ବିଦ୍ୟା ବିହାରର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସହାର ଶତ ପ୍ରତିଶତ ହୋଇଛି। ବିଦ୍ୟାଳୟର ୨ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ୫୫୨ ମାର୍କ ରଖିଥିବା ବେଳେ ଓ ନନ୍ଦିତା ସେଠୀ ୫୪୦ ମାର୍କ ରଖି ଏ-୧ ଗ୍ରେଡରେ ପାସ ହୋଇଛନ୍ତି । ଉଭୟଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ସଭାପତି ପ୍ରକାଶ ଚନ୍ଦ୍ର ଆଳତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗୁରୁମା, ଗୁରୁଜୀଙ୍କ ପ୍ରଚେଷ୍ଟା ଏବଂ ଅଭିଭାବକ ମାନଙ୍କ ସହଯୋଗ ଓ ଛାତ୍ରୀ ଛାତ୍ରମାନଙ୍କ ଆଗ୍ରହ ଯୋଗୁ ଏହି ସଫଳତା ମିଳିଛି ବୋଲି କହିଥିଲେ। ସମ୍ପାଦକ ସୀମାଞ୍ଚଳ ପାତ୍ର, ସଭ୍ୟ ନୀଳମାଧବ ପଣ୍ଡା, ରଘୁନାଥ ନାୟକ, ସରାଜ୍ୟ ପାତ୍ର, ଅମ୍ବିକା କୁମାର ଶତପଥୀ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଶିକ୍ଷୟତ୍ରୀ ସନ୍ତୋଷୀ ତ୍ରିପାଠୀ ସଭା ସଂଯୋଜନା କରିଥିଲେ।

## ଜଳ ଯୋଗାଣ, ରାସ୍ତା ମରାମତି ଦାବି

ଛତ୍ରପୁର,୪।୫ (ଦିଲୀପ ସାମଲ)

ଛତ୍ରପୁର ରିକାପଲ୍ଲୀ ଡାଲଡାମିଲ ସାହିର ନୂତନ ଭାବେ ନିର୍ମିତ ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୧୨ନଂ ୱାର୍ଡ କାଉନସିଲର ବି. ନିଶ୍ଚଳା ସ୍ୱାମୀ ସୋମବାର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ରିକାପଲ୍ଲୀ ହାଟ ବ୍ୟାରେକ ସାହି ନିକଟରୁ ଡାଲଡା ମିଲ କଳ୍ପବାସିନୀ ମନ୍ଦିରକୁ ଯାଇଥିବା ପିଚୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଗଲାଣି।



ଏହାର ମରାମତି କରିବାକୁ ସେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବି. ଗୋପାଳ ସ୍ୱାମୀ ଓ ମାଙ୍ଗେଲେଶ୍ୱର ରାଓ ଉପସ୍ଥିତ ଥିଲେ।



ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ କନ୍ଧମାଳ ଜିଲାପାଳ ବେଦଭୂଷଣ ସମ୍ମାନିତ କରିଛନ୍ତି।(ଫଟୋ-ରାକେଶ)

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଆସିକା,୪।୫(ସୁରେନ୍ଦ୍ର ନାଥ ସାହୁ):

ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସରକାରୀ ବାଳିକା ହାଇସ୍କୁଲରେ ସୋମବାର ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶିଶୁ ମନ୍ଦିର ସଭାପତି ଡ. ବିନୋଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ଶିକ୍ଷା ବିକାଶ ସମିତିର ସଦସ୍ୟ କିରଣ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଆସିଥିବା ଗୁରୁମା ଗୁରୁଜୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ସୁମିତ୍ରା



ଶିଶୁ ମନ୍ଦିର କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ବେହେରା, ଜିଗ୍ନେଶ ପାଢୀ, ପାୟଲ ଗୌଡ, ସ୍ନେହାରାଣୀ ମିଶ୍ର, ପ୍ରତ୍ୟୁଷ ଜେନା, ଅନୁସ୍କା ଖଣ୍ଡୁଆଳ ଓ ଲକ୍ଷ୍ମୀପ୍ରିୟା ମହାରଣାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ର ଆୟାନ୍ସ ପାଣିଗ୍ରାହୀ ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ଶ୍ରୀରାମ ପ୍ରସାଦ ମହାପାତ୍ର, ନିକିତା ସାହୁ, ପଞ୍ଚମ ଶ୍ରେଣୀ ବୃତ୍ତିରେ ରିତିକା ପାଢୀ, ସପ୍ତମ ଶ୍ରେଣୀ ଏନଆରଟିଏସ ପରୀକ୍ଷାରେ ଶ୍ୟାମାପ୍ରସାଦ ତ୍ରିପାଠୀ, ଶୁଭମ କୁମାର ବେହେରା ଓ ଓମ୍‌ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ସୁନିଲ କୁମାର ଗୌଡ ସ୍ୱାଗତ ଭାଷଣ ଦେଇଥିଲେ । ସେହିଭଳି ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ କୁମାରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଗ୍ରୀଷ୍ମା ବୈଠାରୁ ଓ ଜସ୍ମିନ ସାହୁଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବାଳିକା ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ପରୀକ୍ଷାରେ ୭୦ଜଣରୁ ୬୮ଜଣ କୃତକାର୍ଯ୍ୟ ହୋଇଥିଲା ବେଳେ ବହୁବର୍ଷ ବ୍ୟବଧାନ ପରେ ବିଦ୍ୟାଳୟକୁ ଏଭଳି ସଫଳତା ମିଳିଛି।

# ୩୫ ମାତୃପିତୃହୀନ ଶିଶୁ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ

ପାରଳାଖେମୁଣ୍ଡି,୪।୫(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଥିବା ୫ଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ମଧ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ୩୫ ଜଣ ମାତୃପିତୃହୀନ ଶିଶୁ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୨ରେ ଜଣେ, ବି-୧ରେ ୭ ଜଣ, ବି-୨ରେ ୧୨ ଜଣ ଏବଂ ଅବଶିଷ୍ଟ ୧୫ ଜଣ ବିଭିନ୍ନ ବର୍ଗରେ କୃତକାର୍ଯ୍ୟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୧୮ ଜଣ ଝିଅ ଏବଂ ୧୭ ଜଣ ପୁଅ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ଦଶମ ଶ୍ରେଣୀରେ ପଢୁଥିବା ଶିଶୁମାନଙ୍କ ପାଇଁ ସତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଇଥିଲା। ପାରଳାଖେମୁଣ୍ଡିଠାରେ ପରିଚାଳିତ ଉତ୍କଳ



ଅଧିକାରୀମାନେ ଶିଶୁଙ୍କୁ ମିଠା ଖୁଆଇ ଦେଉଛନ୍ତି।

ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରୁ ୧୪ ଜଣ, ଗୁମ୍ମାସ୍ଥିତ ନିଶାନ ସାଲେମ ହୋମ ଓ ଅନ୍ୟ ୩ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ୨୧ ଜଣ ଶିଶୁ ପରୀକ୍ଷା ଦେଇଥିଲେ। ଏନେଇ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଅମିୟ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ଓ ଶିଶୁ ସୁରକ୍ଷା ଅଧିକାରୀ (ଯତ୍ନ) ଡମ୍ବରୁଧର ବଳବନ୍ତ, ନିଶାନ ସାଲେମ ହୋମ ଓ ଉତ୍କଳ ବାଳାଶ୍ରମ ଗସ୍ତକରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶିଶୁମାନଙ୍କୁ ମିଠା ବଣ୍ଟନ କରି ଶୁଭେଚ୍ଛା ଜଣାଇଥିଲେ।

## ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ, ୨ଭାଇ ଗିରଫ

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଇଁନୂଆଗାଁ ଥାନା ଅଞ୍ଚଳରେ ଜଣେ ବୃଦ୍ଧା ଘରେ ଏକାକୀ ଥିବା ବେଳେ ତାଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ୨ଭାଇଙ୍କୁ ଗିରଫ କରିଛି । ସେମାନେ ହେଲେ ଡାମଣା ସାହିର କେ. ସୁନୀଲ ପାତ୍ର ଏବଂ ତାଙ୍କ ବଡ ଭାଇ କେ. ଦଣ୍ଡ ପାତ୍ର । ଉଭୟଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ ଆପରାଧିକ ମାମଲା ରହିଛି । ମାମଲା ନଂ.୧୫୯/୨୬ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୋମବାର କେ. ମାଙ୍ଗାମା ପାତ୍ରଙ୍କ ଦୁଇ ପୁଅ ଘରେ ନଥିବା ବେଳେ ତାଙ୍କ ପଡ଼ୋଶୀ କେ. ଦଣ୍ଡ ପାତ୍ର, କେ. ସୁନୀଲ ପାତ୍ର, କେ. ଜାନକୀ ପାତ୍ର ଓ କେ. କଳ୍ପନା ପାତ୍ର ଜବରଦସ୍ତ ତାଙ୍କ ଘରେ ପଶିଥିଲେ। ମାଙ୍ଗାମା ପ୍ରତିବାଦ କରିବାରୁ ସେମାନେ ଗାଳିଗୁଲଜ କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ତାଙ୍କ ତଣ୍ଟି ଚିପିଥିଲେ। ସେ ଅଚେତ ହୋଇ ପଡ଼ିଥିଲେ । ତାଙ୍କୁ ବଞ୍ଚାଇବାକୁ ଆସିଥିବା ଡି. ଶିବ ଶଙ୍କର ପାତ୍ରଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଥିବା ମାଙ୍ଗମା ଥାନାରେ ଅଭିଯୋଗ କରିଥିଲେ।

## ଘର ତାଲାଭାଙ୍ଗି ଟଙ୍କା, ସୁନାରୁପା ଲୁଟିଲେ

ଗୋପାଳପୁର,୪।୫(ନବୀନ ରାଜ ଆଚାରୀ):

ଗୋଳନ୍ଥରା ଥାନା ଅଞ୍ଚଳରେ ପୁଣି ଚୋର ଦଳ ସକ୍ରିୟ ହୋଇଛନ୍ତି। ଏକ ବନ୍ଦଘରର ଗ୍ରିଲ ତାଲା ଭାଙ୍ଗି ଦୃବୃତ୍ତ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରଣ୍ଢା ଗ୍ରାମ ରାଉଳ ସାହିର ଆନନ୍ଦ ରାଉଳ ରବିବାର ସପରିବାର କୀର୍ତ୍ତିପୁରରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସୋମବାର ସକାଳ ୯ ଟାରେ ଆନନ୍ଦ ଘରକୁ ଫେରିବା ପରେ ଘର ଗ୍ରିଲ ତାଲା ଓ ଭିତର କବାଟ ଭଙ୍ଗାଯାଇଥିବା ଦେଖିଥିଲେ। ଭିତରକୁ ଯିବାରେ ଆଲମିରା ଭଙ୍ଗା ହୋଇଥିବା ସେଥିରେ ଥିବା ଗଦ ୫ ଲକ୍ଷ ଟଙ୍କା, ୫ ଭରି ସୁନା ଅଳଙ୍କାର, ୩ ରୁପା ସହ ଘରର ଦସ୍ତାବିଜ ଏବଂ ବ୍ୟାଙ୍କ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତନାଘନା ଚଳାଇଛି। ଏ ନେଇ ନଂ.୧୬୭/୨୬ରେ ମାମଲା ରୁଜୁ ହୋଇଛି। ଘର ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜ ଦେଖି ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଛି।

## ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ବଛପଲ୍ଲୀ ଗ୍ରାମ ଶ୍ରୀନାଗେଶର ଶିବ ମନ୍ଦିର ନିକଟରୁ ସୋମବାର ସନ୍ଧ୍ୟାରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୪୦ ବର୍ଷ ହେବ। ସନ୍ଧ୍ୟା ୫ଟାରେ ଗ୍ରାମର କେତେ ଜଣ ବ୍ୟକ୍ତି ମନ୍ଦିର ରାସ୍ତାରେ ଯାଉଥିବା ବେଳେ ଜଣେ ମୃତଦେହ ମନ୍ଦିର ପାଖ ରାସ୍ତାରେ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଟିମ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ଯୁବକଙ୍କୁ ହତ୍ୟା କରାଯିବା ପରେ ସେଠାରେ ଫିଙ୍ଗା ଯାଇଥିବା ପୋଲିସ ସନ୍ଦେହ କରଛି। ଏନେଇ ନଂ. ୨୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଏହାର ତଦନ୍ତ ଚାଲିଥିବା ଆଇଆଇସି କିଶୋର ସାମଲ କହିଛନ୍ତି ।

# ଅବ୍ୟବସ୍ଥା ଦେଖି ବିରକ୍ତ, ନର୍ସିଂ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର, ୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦକ୍ଷିଣ ଓଡିଶା ଓ ପଡୋଶୀ ଆନ୍ଧ୍ରପ୍ରଦେଶ ରୋଗୀଙ୍କ ଲାଇଫ ଲାଇନ ଅଟେ। ଏଠାରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏଠାରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ଆସିବା ପରେ ରେଜିଷ୍ଟ୍ରାର ଭାବେ ଯୋଗଦେଇଥିବା ଡ଼. ଶ୍ୱେତ କୁମାର ଦାଶ ସୋମବାର ସକାଳୁ ସାଧାରଣ ଲୋକଙ୍କ ଭଳି ମେଡ଼ିକାଲର ବିଭିନ୍ନ ବିଭାଗ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି। ମେଡ଼ିକାଲର ସର୍ଜରୀ, ମେଡ଼ିସିନ ଏବଂ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଭାଗର ବିଭିନ୍ନ ୟୁନିଟ ବୁଲିବା ସହ ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ମେଡ଼ିକାଲର ବିଭିନ୍ନ ଅବ୍ୟବସ୍ଥା ଦେଖି ବହୁ କର୍ମଚାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ନିଜ ଭୁଲ ସୁଧାରିବା ସହ ଚିକିତ୍ସିତ ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ତାଗିଦ କରିଥିଲେ।

### ସାଧାରଣ ଲୋକ ପରି ମେଡିକାଲ ବୁଲିଲେ ରେଜିଷ୍ଟ୍ରାର



ରେଜିଷ୍ଟ୍ରାର ରୋଗୀଙ୍କୁ ସମସ୍ୟା ପଚାରୁଛନ୍ତି।

ଡ଼. ଦାଶ ବିଭିନ୍ନ ୱାର୍ଡ଼ ବୁଲିବା ମଧ୍ୟରେ ରୋଗୀଙ୍କୁ ନିୟମିତ ବେଡ଼ସିଟ ପ୍ରଦାନ କରାଯାଉନଥିବା ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ତାହା କିଭଳି ଆଗାମୀ ଦିନରେ ସମାଧାନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହା ସହ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଭାଗର ଜଣେ ଇନଚାର୍ଜ ନର୍ସିଂ ଅଫିସର କାର୍ଯ୍ୟ ସମୟରେ ଅନୁପସ୍ଥିତ ଥିବା ବେଳେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ରେଜିଷ୍ଟ୍ରାର ଜଣେ ସାଧାରଣ ଲୋକ ପରି ମେଡ଼ିକାଲ ପରିସରରେ ଦୀର୍ଘ ସମୟ ବୁଲିଥିଲେ। ପରିସରରେ ଥିବା ଚା' ଖଟିରେ ଚା' ପିଇବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ମତାମତ ସଂଗ୍ରହ କରିଥିବା ଜଣାପଡ଼ିଛି। ରବିବାର ମଧ୍ୟ ଚିକିଟି ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରାଙ୍କ ପୁତ୍ର ପୋଡି ହୋଇ ଚିକିତ୍ସିତ ହେବାକୁ ଆସିଥିବାବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ସେବା ଦେବାରେ ଏମକେସିଜି ବିଫଳ ହୋଇଥିଲା। ଫଳରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଗତ କିଛି ଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ଏମକେସିଜି ଆସିଥିବାବେଳେ ଏହାକୁ ଏମ୍ସ ଭଳି କରାଯିବାକୁ ସରକାର ଚିନ୍ତା କରୁଥିବା କହିଥିଲେ। ଗତକାଲିର ଏଭଳି ଅବ୍ୟବସ୍ଥା ଏହା କିଭଳି ସଫଳ ହେବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ଏବେ ଏମକେସିଜି ମେଡିକାଲରେ ସବୁବେଳେ ଅବ୍ୟବସ୍ଥା ଲାଗି ରହିଥିବା ଅନେକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇ ଆସୁଛି। ଏହାକୁ ଦୃଷ୍ଟିରେ ରଖି ରେଜିଷ୍ଟ୍ରାର ସୋମବାର ନିଜେ ମେଡିକାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିବା କୁହାଯାଉଛି। ରେଜିଷ୍ଟ୍ରାରଙ୍କ ଏଭଳି କାର୍ଯ୍ୟକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଶଂସା କରାଯାଇଥିବାବେଳେ କର୍ମଚାରୀଙ୍କ ମଧ୍ୟରେ ଭୟ ସଂଚରି ଯାଇଛି।

## କଳିଙ୍ଗ ସାହିତ୍ୟ ସମାଜର ମାସିକ କବିତା ଆସର


ଆସରରେ ଉପସ୍ଥିତ କବିମାନେ।

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)

କଳିଙ୍ଗ ସାହିତ୍ୟ ସମାଜର ମାସିକ କବିତା ଆସର ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରି ଆସର ସଂପର୍କରେ ଆଲୋକପାତ କରିଥିଲେ। କବି ମନୋରଞ୍ଜନ ପାଣିଗ୍ରାହୀ ଓ କବି ଅନୁପ କୁମାର ମିଶ୍ର ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ କବିତା ସର୍ଜନାର ଉପକ୍ରମ ବିଷୟରେ କହିଥିଲେ। ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ମାର୍ଗଦର୍ଶନ ଓ ଡ. ରମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। କବି ଦୀନବନ୍ଧୁ ଶ୍ରୀପଲ୍ଲବ ଆସର ସଂଚାଳନ କରିଥିଲେ। ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ), ଡ. ସୂଚନା ପାଢ଼ୀ, ଡ. ସୁଜିତ କୁମାର ପଣ୍ଡା, ଡ. କୁଳମଣି ଓଝା, ସୁଚେତା ପାଣିଗ୍ରାହୀ, ପଦ୍ମିନୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦେବୀ, ଚନ୍ଦ୍ରଶେଖର ମହାପାତ୍ର, ନଳିନୀକାନ୍ତ ଗୌଡ଼, ବିରୂପାକ୍ଷ ଦାଶ, ହୃଷୀକେଶ ବେହେରା ପ୍ରମୁଖ କବିତା ଆବୃତି କରିଥିଲେ। ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଧନ୍ୟବାଦ ଦେଇଥିଲେ।

## ଅବସର ନେଲେ ଏମ୍‌କେସିଜି ରେଡିଓଲୋଜି ବିଭାଗୀୟ ମୁଖ୍ୟ


ଡା.ରାଓଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଉଛି।

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ରେଡିଓଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଏମ. ଭି. କେ. ରାଓ ଅବସର ନେଇଛନ୍ତି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଦୀର୍ଘ ୨୩ ବର୍ଷ ଧରି ସମ୍ପୃକ୍ତ ବିଭାଗରେ କାର୍ଯ୍ୟ କରିବା ପରେ ପ୍ରଫେସର ରାଓ ଏପ୍ରିଲ ୩୦ ତାରିଖରେ ୬୫ ବର୍ଷ ବୟସରେ ଅବସର ନେଇଥିଲେ । ଡାକ୍ତର ରାଓଙ୍କ ଅବସର ପରେ ଏମକେସିଜି ସର୍ଜରୀ ବିଭାଗର ପ୍ରଫେସର ଡାକ୍ତର ମନୋଜ କୁମାର ସେଠୀଙ୍କୁ ବିଭାଗୀୟ ମୁଖ୍ୟ କରାଯାଇଛି। ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସହକାରୀ ପ୍ରଫେସର ଡା.ସୁନୀଲ ପ୍ରଧାନ, ଡା. ଦିନେଶ ସାସମଲ, ଡା. ରୂପକ ପଣ୍ଡା, ଡା.ଚିନ୍ମୟୀ ଆପଟ, ଡା. ଲିପିପୁଷ୍ପା ମହାପାତ୍ର, ଡା.ଫାଗୁନ ହାଁସଦା, ଡା. ଶିବଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ରେଡିଓଗ୍ରାଫର ରଶ୍ମିତା ପାଣିଗ୍ରାହୀ, ଶୁଭ୍ରା ପଣ୍ଡା, ଶିବରାମ ପ୍ରଧାନ, ଭଜରାମ ପ୍ରଧାନ, ସ୍ମରଣ ପଣ୍ଡା, ସୋମନାଥ ବାରଦା, ଅନିଲ କୁମାର ସେଠୀ ଓ ମହେଶ୍ୱର ବିଶ୍ୱାଳ ସହଯୋଗ କରିଥିଲେ। ନର୍ସିଂ ଅଫିସର,ଡିଏମଆରଡି ଓ ବିଏମଆରଟି ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପ୍ରଫେସର ରାଓଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସୁସ୍ଥ ଅବସର ଜୀବନ କାମନା କରାଯାଇଥିଲା ।

## ଏମ୍‌କେସିଜିରୁ ଇଞ୍ଜେକ୍ସନ ଚୋରି ଘଟଣାର ତଦନ୍ତ କରିବାକୁ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲର ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାକୁ ଗଞ୍ଜାମ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମିଳିବା ପରେ ଘଟଣାର ଯୁଗ୍ମ ତଦନ୍ତ ନିମନ୍ତେ ଏମକେସିଜି ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ୫ଜଣିଆ କମିଟି ଗଠନ କରିଛନ୍ତି। ସେଥିରେ ରେଜିଷ୍ଟ୍ରାରଙ୍କ ସମେତ ସର୍ଜରୀ, ମେଡିସିନ ବିଭାଗର ମୁଖ୍ୟ ଓ ଡ୍ରଗ୍ସ ଇନସପେକ୍ଟର ଗଞ୍ଜାମ-୧ ରହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ୫ ଦିନ ମଧ୍ୟରେ ରପୋର୍ଟ ପ୍ରସ୍ତୁତି କରାଯିବ। ଏହା ପରେ ଉକ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବା ବୋଲି ରେଜିଷ୍ଟ୍ରାର କହିଛନ୍ତି। ଅନ୍ୟପକ୍ଷରେ ଗତ ମାସ ୨୨ ତାରିଖରେ ଏମକେସିଜି ମେଡ଼ିକାଲର ମେଡ଼ିକାଲ ଷ୍ଟୋରରୁ ଚୋରି ହୋଇଥିବା ୨୧ଟି ଇନସୁଲିନ ଗ୍ଲାର୍ଜିନ ଇଞ୍ଜେକ୍ସନ ନଷ୍ଟ ହୋଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଡଷ୍ଟବିନରେ ପଡ଼ି ରହିବା ସହ ପ୍ରତିକୂଳ ପ୍ରଭାବ(ଅଧିକ ଟେମ୍ପେରେଚର)ରୁ ସମସ୍ତ ଇଞ୍ଜେକ୍ସନ ନଷ୍ଟ ହୋଇଛି। ତାହା ବର୍ତ୍ତମାନ ରୋଗୀଙ୍କ ଚିକିତ୍ସାରେ ଆଉ ବ୍ୟବହାର ହୋଇପାରିବ ନାହିଁ ବୋଲି ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା କହିଛନ୍ତି। ସେହିଦିନ ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋର ଏକ ଡଷ୍ଟବିନରେ ମୋଟ ୨୧ ଟି ଇଞ୍ଜେକ୍ସନ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଇଞ୍ଜେକ୍ସନ ମୂଲ୍ୟ ୭୬୯ ଟଙ୍କା ଥିଲା। ମେଡ଼ିକାଲ ପକ୍ଷରୁ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏହି ଇଞ୍ଜେକସନ କିଣାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମରେ ଟାଇପ-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାମାନଙ୍କୁ ଏବଂ ଟାଇପ-୨ ମଧୁମେହରେ ପୀଡିତ ବୟସ୍କମାନଙ୍କୁ ଚିକିତ୍ସାରେ ଏହା ବ୍ୟବହାର କରାଯାଏ।

## ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ନିର୍ମାଣ ଦାବି

ବୁଗୁଡ଼ା,୪।୫(କାଳିଚରଣ ଦାଶ)

ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଚେରିଟି ଭାଙ୍ଗି ଦିଆଯିବା ଫଳରେ ଲୋକେ ବିନାଦ୍ୱିଧାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ କାନ୍ଥରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖସ୍ଥ ରାସ୍ତାକଡରେ କିଛି ଅଟୋ ଧାଡିବାନ୍ଧି ରହୁଥିବାରୁ ସେଗୁଡିକର ପଛପଟେ କାର୍ଯ୍ୟାଳୟ କାନ୍ଥରେ ପରିସ୍ରା କରିବା ପାଇଁ ଲୋକଙ୍କୁ ସୁବିଧା ହେଉଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଦୁର୍ଗନ୍ଧରେ ଫାଟି ପଡୁଛି ଏବଂ କର୍ମଚାରୀମାନେ ମେଡିକାଲ ଝରକା ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଏହାଛଡା ମେଡିକାଲ ପାଚେରୀ ନ ଥିବାରୁ ଗାଈ ଗୋରୁ ଆଦି ଅବାଧରେ ପ୍ରବେଶ କରିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପୂର୍ବରୁ ଥିବା ପାଚେରୀର ପୁନର୍ବାର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଖଲ୍ଲିକୋଟ,୪।୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏଥିପାଇଁ ସୋମବାର ନିର୍ମଳଝରଠାରୁ ବିଧିମୁତାବକ ପୂଜାର୍ଚ୍ଚନା ପରେ ପୂର୍ଣ୍ଣକଳସ ଧରି ସେବତୀଦେଇପୁର ଶାସନର ଯଜ୍ଞକର୍ତ୍ତା ତାପସ କୁମାର ଅରଚାର୍ଯ୍ୟ ପ୍ରଥମେ କଳସ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ସହିତ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ମହିଳା ପୂର୍ଣ୍ଣ କଳସ ଧରି ୫ କିଲୋମିଟର ରାସ୍ତା ଅତିକ୍ରମ କରି ଜଗନ୍ନାଥ ମନ୍ଦିର ପରିସରରେ



ପହଞ୍ଚିଥିଲେ। ଏହି ଯାତ୍ରା ସମୟରେ ଖଲ୍ଲିକୋଟ ପୋଲିସ, ସ୍ୱେଚ୍ଛାସେବୀ ପ୍ରମୁଖ ଟ୍ରାଫିକ ନିୟନ୍ତ୍ରଣରେ ସହଯୋଗ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ଏପରି ଏକ ବଡଧରଣର ଯଜ୍ଞ ଆୟୋଜନ ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି। ଏହି ମହାଯଜ୍ଞର ପୂର୍ଣ୍ଣାହୁତି ୧୫ ତାରିଖରେ ହେବ।

## ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଦିଗପହଣ୍ଡି ଅତିରିକ୍ତ ବିଡ଼ିଓ ଉମେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ବହୁଳ କାମରାଖାଲି, ଗୁଣ୍ଡିରିଗୁଡ଼ା ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ପହଞ୍ଚି ପଞ୍ଚାୟତ ସଦର ମହକୁମା ଖମାରି ଗାଁ ଠାରୁ ଜନଜାତି ବହୁଳ ଗାଁ ଗୁଡ଼ିକୁ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତି କରଣ ଏବଂ ଗ୍ରାମ ନିକଟ ଘାଇ, ଝରଣା ଗୁଡିକରେ ଆନିକଟ ପ୍ରକଳ୍ପ ନିର୍ମାଣ କରାଯାଇ ଚାଷଜମି ଗୁଡ଼ିକୁ ଜଳସେଚନ ପାଇଁ ଦାବି ଜଣାଇଥିଲେ। ସେହିପରି ବାଦ୍ ପଡ଼ିଥିବା ବହୁ ସଂଖ୍ୟକ ହିତାଧିକାରୀ ସେମାନଙ୍କୁ ନୂତନ ଭତ୍ତା, ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ ସହ ଜମିଜମା ସମ୍ପର୍କିତ ପଟ୍ଟା ସମସ୍ୟା ନେଇ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ଗୁହାରି କରିଥଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁପ୍ତେଶ୍ୱରୀ ମଣ୍ଡଳ, ଏଡିଓ ଶିବ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୌତୁକ ନିର୍ଯାତନା ମାମଲାରେ ସ୍ୱାମୀଙ୍କୁ ଜେଲ

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ଆସିଷ୍ଟାଣ୍ଟ ସେସନ ଜଜ୍ (ସ୍ୱତନ୍ତ୍ର ଟ୍ରାକ କୋର୍ଟ) ସୌଦାମିନୀ ସିଂ ଏକ ଯୌତୁକ ନିର୍ଯାତନା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଆସିକା ଖମ୍ବେଶ୍ୱରୀପାଟଣାର ତୁଫାନ ଗୌଡ଼(୫୩)। ୩ଟି ଦଫାରେ ତାଙ୍କୁ ୩ ବର୍ଷ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ୧୦ ହଜାର ଟଙ୍କ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ନିର୍ଦ୍ଦେଶ ରହିଛି। ଖମ୍ବେଶ୍ୱରୀପାଟଣାର ତୁଫାନ ୨୦୧୧ରେ ସୁଚିତ୍ରା ଗୌଡ଼ଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବି କରି ସେ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବାପଘର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସୁଚିତ୍ରା ଟଙ୍କା ମାଗିପାରୁ ନ ଥିଲେ। ୨୦୧୯ ମେ ମାସରେ ସାବିତ୍ରୀ ଅମାବାସ୍ୟା ଦିନ ସୁଚିତ୍ରାଙ୍କୁ ତାଙ୍କ ସ୍ୱାମୀ ହାତୁଡିରେ ଆକ୍ରମଣ କରିଥିଲେ। ଏଥିରେ ସୁଚିତ୍ରାଙ୍କ ମୁଣ୍ଡ ଫାଟିଯାଇ ସେ ଗୁରୁତର ହୋଇଥିଲେ। ଖବରପାଇ ବାପଘର ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ୨୦୧୯ ଜୁନ ୧ ତାରିଖରେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗକ୍ରମେ ନଂ.୩୫/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପରେ ଅଭିଯୁକ୍ତ ତୁଫାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୫ ମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ତୁଫାନ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ପୋଲିସ ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପିପି ମମତାରାଣୀ ପାଢ଼ୀ ମାମଲା ପରିଚାଳନା କରିଥିଲେ।

VIGNAN
HIGHER SECONDARY SCHOOL
SAMS CODE - 11055106
INDIRA NAGAR, NEAR KALI TEMPLE, AMABAPUA, BERHAMPUR
ବିଶେଷ ସୂଚନା : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧା ଛାତ୍ରଛାତ୍ରୀ (ଏ-୧ ଏବଂ ଏ୨) ଙ୍କ ସମ୍ମାନ ନିମନ୍ତେ ଆସନ୍ତା ମଇ ୧୦ ତାରିଖରେ ଏକ ଉତ୍ସବର ଅୟୋଜନ କରିଅଛୁ। ଇଚ୍ଛୁକ ଛାତ୍ରଛାତ୍ରୀ ତାଙ୍କ ପିତାମାତା/ଅଭିଭାବକଙ୍କ ସହ ଆସି ଏହି ଉତ୍ସବରେ ଯୋଗ ଦେଇପାରିବେ। ଏହି ବିଦ୍ୟାଳୟରେ ମେଧା ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି, ଅଧିକ ଜାଣିବା ପାଇଁ କଲେଜକୁ ନିଜ ମାର୍କ ସିଟ ସହ ଆସି ତୁରନ୍ତ ଯୋଗାଯୋଗ କରନ୍ତୁ।
CAREER COUNSELLING
100% RESULT
SEPARATE CLASS ROOM FOR BOYS & GIRLS
BEST FACULTY
SPECIAL CLASSES FOR NEET & JEE MAIN EXAMS
HYGENIC FOOD
SPOKEN ENGLISH
CONTACT : 82495 44216,9938 610906, 91242 98735

# ଭାଜପା ପାଳିଲା ବିଜୟ ଉତ୍ସବ


ରାମଲିଙ୍ଗମ ପାର୍କ ନିକଟରେ ଭାଜପାର ବିଜୟ ଉତ୍ସବ।

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ଆସାମ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ଭାଜପାର ବିଜୟ ନେଇ ବ୍ରହ୍ମପୁରରେ ବିଜୟ ଉତ୍ସବ ପାଳନ ହୋଇଛି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ନିଜ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ରାମଲିଙ୍ଗ ପାର୍କ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ ପରେ ବିଜୟ ଉତ୍ସବରେ ସାମିଲ ହୋଇ ଥିଲେ । ଏଥିରେ ପରସ୍ପର ପରସ୍ପରକୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। ଗିରିଜା ଛକ ନିକଟରେ ପ୍ରବଳ ମାତ୍ରାରେ ଆତସବାଜି ଫୁଟା ଯାଇଥିଲା। ଏହି ବିଜୟ ପ୍ରମାଣ କରୁଛି ଯେ ଲୋକଙ୍କ ମଧ୍ୟରେ ଏନଡିଏ ଓ ଭାଜପା ଉପରେ ଏକ ବିଶ୍ୱାସ ରହିଛି। ଭାଜପାର ସମସ୍ତ ନିଷ୍ଠାବାନ କାର୍ଯ୍ୟକର୍ତ୍ତା, ନେତା ଓ ସମର୍ଥକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସଂଗ୍ରାମ ଏହି ବିଜୟର ମୂଳ ଆଧାର । ବିଜୟ ଉତ୍ସବରେ ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ସୋମନାଥ ପାତ୍ର, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ବଦ୍ରିନାରାୟଣ ନାୟକ, ରଞ୍ଜିତ ପଟ୍ଟନାୟକ, କର୍ପୋରେଟର ବନିତା ସାହୁ, ପ୍ରଣୟ ମହାପାତ୍ର, ମନିତା ଦାଶ, ସଂଜୟ ଜେନା, ପ୍ରେମଶିଳା ନନ୍ଦ, ଭିକି ଆଚାରୀ, ଦେବାଶିଷ ସାହୁ, ସୁନୀଲ ପଣ୍ଡା, ତ୍ରିନାଥ ନାୟକ, ସୁଶାନ୍ତ ରଥ, ସୁରେଶ ତ୍ରିପାଠୀ, ଉଷା ମହାପାତ୍ର, ଅରୁଣ ନାଇଡୁ, ସୁନୀଲ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜିଲା କାର୍ଯ୍ୟାଳୟରେ ବି ଏହି ବିଜୟ ଉତ୍ସବ ପାଳନ କରାଯାଇଛି।

## ସ୍ୱାସ୍ଥ୍ୟ ବିଭାଗ ଅମଲା କ୍ୟାଡରଙ୍କ ପ୍ରତି ପ୍ରଶାସନିକ ଅବହେଳା

ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ଏହାର ପରିଚାଳନା ଭାର ସମ୍ଭାଳୁଥିବା ସ୍ୱାସ୍ଥ୍ୟ ବିଭାଗ ଅମଲା କ୍ୟାଡରମାନେ ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଗତ ପ୍ରାୟ ୪୦ ବର୍ଷ ଧରି କ୍ୟାଡର ପୁନର୍ଗଠନ କରାଯାଇ ନ ଥିବାରୁ ଅନେକ ଅମଲା ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଜୁନିୟର ଆସିଷ୍ଟାଣ୍ଟ ମାନଙ୍କର ଗ୍ରେଡ୍-ପେ' ସର୍ବନିମ୍ନସ୍ତରରେ ରହିଥିବା ବେଳେ ତାଙ୍କୁ କୋଟି କୋଟି ଟଙ୍କାର ଆର୍ଥିକ କାରବାର, ସରକାରୀ ଯୋଜନାର ଅନଲାଇନ୍ ଏଣ୍ଟ୍ରି ଏବଂ ଶତାଧିକ କର୍ମଚାରୀଙ୍କ ସେବା ପୁସ୍ତିକା ଇତ୍ୟାଦି ଅନେକ ପ୍ରକାରର କାର୍ଯ୍ୟ ପରିଚାଳନା କରିବାକୁ ପଡୁଛି। ସେମାନଙ୍କ ଦରମା ବଢୁନାହିଁ କି ପଦୋନ୍ନତି ମିଳୁନାହିଁ। କାମରେ ଭୁଲ୍ ହେଲେ କିମ୍ବା ନିର୍ଦ୍ଧାରିତ ସମୟ ସୀମାରେ କାମ ନସାରିଲେ ସମସ୍ତ ଉତ୍ତର ଦାୟିତ୍ୱ ଅମଲାଙ୍କ ଉପରେ ଲଦି ଦିଆଯାଉଛି। ଏଭଳି ସ୍ଥିତି ଅମଲା ମାନଙ୍କୁ ମାନସିକ ଭାବେ ଦୁର୍ବଳ କରିଦେଉଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ଅମଲାମାନଙ୍କ ଦୀର୍ଘ ଦିନର ସମସ୍ୟା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ। ସାଧାରଣ ପ୍ରଶାସନ ବିଭାଗର ନୂତନ ନିର୍ଦ୍ଦେଶନାମା ନଂ-୮୮୯୮/୨୪କୁ କାର୍ଯ୍ୟକାରୀ କରିବା ଏବଂ କ୍ୟାଡର ପୁନର୍ଗଠନ କରିବା ନିତାନ୍ତ ଜରୁରୀ ବୋଲି ଓଡ଼ିଶା ଅମଲା ସଂଘର ଅନ୍ୟତମ ସଙ୍ଗଠନ ଓଡ଼ିଶା ସ୍ୱାସ୍ଥ୍ୟ ଅମଲା ମଞ୍ଚର ଅଧ୍ୟକ୍ଷ, ଆବାହକ ଓ ସମସ୍ତ ସଦସ୍ୟଙ୍କ ସହିତ ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ତଥା ଗଞ୍ଜାମ ଜିଲା ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କନିଷ୍ଠ ସହାୟକ ରବି ପ୍ରସାଦ ପାତ୍ର ଦାବି କରିଛନ୍ତି।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com
NOTICE
No.515 Date:30.04.2026
Advt.No. 01 of 2026/27
(ADVERTISEMENT FOR RECRUITMENT TO THE TEACHING POSTS)
No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY
OIPR-11001/11144/1/26-27/0002

